## ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଉଦ୍‌ଘାଟିତ

ଚିକିଟି, (ଡି.ଏନ୍.ଏ.): ଗଞ୍ଜାମ ଜିଲା ଚିକିଟିପେଣ୍ଠ ମୁଖ୍ୟ ବଜାରରେ ବୁଧବାର ନୂତନ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ସହିତ ଏଟିଏମ୍ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ବ୍ରହ୍ମପୁର ଉପଜିଲାପାଳ ଭି. କୀର୍ତ୍ତିଭାସନ ଉଦ୍‌ଘାଟନ କରିଥିଲେ । ଏଥିରେ ସମ୍ମାନିତ ଅତିଥି ଭାବେ ଚିକିଟି ବିଡିଓ ଫାଲ୍‌ଗୁନୀ ମାଝି, ତହସିଲଦାର ବିଶ୍ୱ ରଞ୍ଜନ କହଁର, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସମ୍ବିତ ସଂଗ୍ରାମ୍‌ଜିତ ସାହୁ, ଏଚ୍‌ଡିଏଫ୍‌ସିର ଆଞ୍ଚଳିକ ମୁଖ୍ୟ ପ୍ରବନ୍ଧକ ଦେବେନ୍ଦ୍ର ଜେନା, ଶାଖା ପରିଚାଳକ ଆଲୋକ କୁମାର ବାରିକ୍ ପ୍ରମୁଖ ଯୋଗ ଦେଇଥିଲେ ।

## ସଂକ୍ଷେପରେ

### ୭ କୁଇଣ୍ଟାଲ ଭାଙ୍ଗ ଜବତ, ଗାଡ଼ି ଚାଳକ ଗିରଫ

ବୁଗୁଡ଼ା,୩୦।୧୨(ଡି.ଏନ୍.ଏ.)- ବୁଗୁଡ଼ା ସହର ଉପକଣ୍ଠ ବଡ଼ଶଙ୍ଖ ନିକଟରୁ ଗୁରୁବାର ଏକ ଟାଟା ଏସିଇ ସହ ୭ କୁଇଣ୍ଟାଲ ୮୦ କେଜି ଭାଙ୍ଗ ଜବତ ଘଟଣାରେ ଗାଡ଼ି ଚାଳକଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଗିରଫ ଚାଳକ ଜଣଙ୍କ ହେଲେ ନୟାଗଡ଼ ଜିଲା ଶରଣକୁଳ ଅନ୍ତର୍ଗତ ଗୁଡିପଡା ଗ୍ରାମର ବୁଲୁ ବିଶ୍ୱାଳ। ଏନେଇ ବୁଗୁଡା ଥାନାରେ ନଂ. ୬୯୦/୨୧ ରେ ଏକ ମାମଲା ରୁଜୁ ହୋଇଛି। ପ୍ରକାଶ ଯେ, ବୁଗୁଡ଼ା ବଡ଼ଶଙ୍ଖ ନିକଟରେ ପୋଲିସ ପକ୍ଷରୁ ବୁଧବାର ସକାଳେ ଯାନବାହନ ଚେକିଂ ଚାଲିଥିବା ବେଳେ ଗଜପତି ଜିଲା ଜଗମୋହନ ଅଞ୍ଚଳରୁ ଭାଙ୍ଗ ବୋଝେଇ ହୋଇ ଆସୁଥିବା ଟାଟା ଏସିଇ (ନଂ ଓ ଆର ୦୫ ଏ ଏଚ ୮୩୬୯)କୁ ପୋଲିସ ଅଟକାଇ ଯାଞ୍ଚ କରିବାରୁ ସେଥିରେ ଭାଙ୍ଗ ଥିବା ଜଣାପଡିଥିଲା।

### ଶିଶୁକନ୍ୟାଙ୍କୁ ବଳାତ୍କାର ଉଦ୍ୟମ

ଗୋପାଳପୁର,୩୦।୧୨(ଡି.ଏନ୍.ଏ.)- ଗୋଳନ୍ଥରା ଥାନା ଅଞ୍ଚଳର ଜନୈକା ଶିଶୁକନ୍ୟାଙ୍କୁ ବୁଧବାର ବଳାତ୍କାର ଉଦ୍ୟମ ହୋଇଛି। ଏଥିରେ ଦୁଇ ନାବାଳକ ସମ୍ପୃକ୍ତ ଥିବା ଜଣାପଡ଼ିଛି। ଖବର ଲେଖା ହେବା ସୁଦ୍ଧା ଥାନାରେ ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି। ସୂଚନାନୁସାରେ, ଏହି ଥାନା ଅଞ୍ଚଳର ଶିଶୁକନ୍ୟା ସମେତ ୩ଜଣ ବୁଧବାର ସନ୍ଧ୍ୟାରେ ଗାଁ ଦାଣ୍ଡରେ ଖେଳୁଥିଲେ। ଏହି ସମୟରେ ତାଙ୍କ ପଡ଼ିଶା ଘରେ ରହୁଥିବା ଦୁଇ ନାବାଳକ ତାଙ୍କୁ ପ୍ରଲୋଭନ ଦେଖାଇ ଏକ କୋଠରିକୁ ନେଇ ବଳାତ୍କାର ଉଦ୍ୟମ କରିଥିଲେ। ଘଟଣା ପରେ ଶିଶୁକନ୍ୟାଟି ଘରେ ରାତିରେ ବାରମ୍ବାର ବାନ୍ତି କରିବା ସହ କିଛି କହିପାରିନଥିଲା। ଅନ୍ୟ ଜଣେ ନାବାଳିକା ଘଟଣା ସମ୍ପର୍କରେ ତାଙ୍କ ମା'ଙ୍କୁ କହିଥିଲା। ପରେ ସ୍ଥାନୀୟ ଲୋକ ସମ୍ପୃକ୍ତ ନାବାଳକଙ୍କୁ କାବୁ କରି ତାଗିଦା କରିଥିଲେ। ଖବର ପାଇ ଗୋଳନ୍ଥରା ଥାନାଧିକାରୀ ବିବେକାନନ୍ଦ ମହନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ। ପରେ ପରିବାର ଲୋକ ଉକ୍ତ ଶିଶୁକନ୍ୟାଙ୍କୁ ସ୍ଥାନୀୟ ମେଡିକାଲରେ ଚିକିତ୍ସା କରାଇଥିଲେ। ଏନେଇ ଶିଶୁକନ୍ୟାଙ୍କ ବାପା ଗୋଳନ୍ଥରା ଥାନାରେ ଜଣଙ୍କ ବିରୋଧରେ ଅଭିଯୋଗ ଅଭିଯୋଗ କରିଛନ୍ତି। ପୋଲିସ ନଂ.୩୬୯/୨୧ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଖୁବଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବ୍ରହ୍ମପୁର ସଦର ଏସ୍‌ଡିପିଓ ଶିବ ଶଙ୍କର ମହାପାତ୍ର କହିଛନ୍ତି।

### ଏଆଇକେଏସ୍ ପକ୍ଷରୁ ଦାବିପତ୍ର ପ୍ରଦାନ

ପୋଲସରା,୩୦।୧୨(ଡି.ଏନ.ଏ.):ଅଖିଳ ଭାରତ କୃଷକ ସଭା (ଏଆଇକେଏସ) ପୋଲସରା ଆଞ୍ଚଳିକ କମିଟି ପକ୍ଷରୁ ଗୁରୁବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ୭ ଦଫା ଦାବି ପତ୍ର ପ୍ରଦାନ କରାଯାଇଛି। ଶତାଧିକ କୃଷକ ଶୋଭାଯାତ୍ରାରେ ବାହାରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। କୃଷକମାନଙ୍କୁ ଉଦବୋଧନ ଦେଇ ସିପିଆଇ ଗଞ୍ଜାମ ଜିଲା ସମ୍ପାଦକ ପ୍ରକାଶ ପାତ୍ର ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କୃଷକ ମାରଣ ନୀତିର ସମାଲୋଚନା କରିଥିଲେ। ଅଖିଳ ଭାରତ କୃଷକ ସଭାର ଗଞ୍ଜାମ ଜିଲା ସମ୍ପାଦକ ରାଜୀବ ଲୋଚନ ପଣ୍ଡା, ବରିଷ୍ଠ କୃଷକ ନେତା ସୁଦର୍ଶନ ସ୍ୱାଇଁ, ଆଞ୍ଚଳିକ ସମ୍ପାଦକ ଦଣ୍ଡପାଣି ସାମଲ ଏବଂ ହରି ହର ପାତ୍ର ପ୍ରମୁଖ ଉଦବୋଧନ ଦେଇ ତୁରନ୍ତ ଚାଷୀ ମାନଙ୍କୁ କ୍ଷତିପୂରଣ ଦେବା, କୃଷି ଋଣ ଛାଡ କରିବା, କ୍ଷତିଗ୍ରସ୍ତ ଚାଷୀଙ୍କୁ ଫସଲ ବୀମା ଟଙ୍କା ତୁରନ୍ତ ଦେବାକୁ ଦାବି କରିଥିଲେ। ପରେ ସ୍ଥାନୀୟ ସହକାରୀ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା।

### ଅନାଥ, ବୃଦ୍ଧଙ୍କୁ ବସ୍ତ୍ର ବଣ୍ଟନ

ନୂଆଗଡ଼,(ଗଜପତି)୩୦।୧୨-ନୂଆଗଡ଼ ବ୍ଲକ ତାବରଡ଼ା ପଞ୍ଚାୟତର କେନ୍ଦୁପଡା ଗ୍ରାମରେ ଅନାଥ ଏବଂ ବୃଦ୍ଧଙ୍କୁ ବସ୍ତ୍ର ବଣ୍ଟନ କରାଯାଇଛି। କିଛି ଜାଗାରେ ହିନ୍ଦୁ ଖ୍ରୀଷ୍ଟିଆନଙ୍କ ମଧ୍ୟରେ ପାତରଅନ୍ତର ନୀତି ଦେଖାଦେଉଥିବା ବେଳେ ଏଠି ଜାତି ଧର୍ମ ନିର୍ବିଶେଷରେ ଆମେ ସମସ୍ତେ ସମାନ ଏହି ବାର୍ତ୍ତା ଦେବାକୁ ଯାଇ କେନ୍ଦୁପଡା ବାପ୍ଟିଷ୍ଟ ଚର୍ଚ୍ଚର ମଣ୍ଡଳୀ ତରଫରୁ ପ୍ରାୟ ଚାଳିଶରୁ ପଚାଶ ଅନାଥ ଏବଂ ବୃଦ୍ଧଙ୍କୁ ବସ୍ତ୍ର ବଣ୍ଟନ କରାଯାଇଛି। ମଣ୍ଡଳୀର ସଭାପତି ସୁରେଶ ରଇତ ଓ ସମ୍ପାଦକ ସାମ୍‌ସନ ରଇତଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ତାବରଡ଼ା ସରପଞ୍ଚ ନିମ୍ରୋଦ ରଇତ ଯୋଗ ଦେଇଥିଲେ। ବୈଠକରେ ମଣ୍ଡଳୀର ନୂତନ କର୍ମକର୍ତ୍ତା ଚୟନ ସହ ଅନ୍ୟାନ୍ୟ ବିଷୟରେ ଆଲୋଚନା ହୋଇଥିଲା। ଶେଷରେ ଅନାଥ ଏବଂ ବୃଦ୍ଧାବୃଦ୍ଧମାନଙ୍କୁ ମଣ୍ଡଳୀ ତରଫରୁ ବସ୍ତ୍ର ପ୍ରଦାନ ସହ ବିଶ୍ୱରେ ମହାମାରୀ କରୋନା ପ୍ରତି କିଭଳି ସଚେତନ ରହିବେ ସରପଞ୍ଚ ବୁଝାଇଥିଲେ।

# ରାମଲିଙ୍ଗେଶ୍ୱର ମ୍ୟୁଜିକାଲ ଫାଉଣ୍ଟେନ ଉଦ୍‌ଘାଟିତ

**ଭର୍ଚୁଆଲରେ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ**

ବ୍ରହ୍ମପୁର ଅଫିସ୍,୩୦।୧୨

ବ୍ରହ୍ମପୁର ରାମଲିଙ୍ଗେଶ୍ୱର ପ୍ରମୋଦ ଉଦ୍ୟାନରେ ମ୍ୟୁଜିକାଲ ଫାଉଣ୍ଟେନ ଓ ଥ୍ରୀଡି ଲେଜର ଶୋ'କୁ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲରେ ଉଦ୍‌ଘାଟନ କରିଛନ୍ତି। ଏହି ଫାଉଣ୍ଟେନ ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ୬.୫ କୋଟି ଟଙ୍କା ବ୍ୟୟରେ ଜର୍ମାନୀ ଟେକ୍ନୋଲୋଜିରେ ନିର୍ମିତ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଅଧ୍ୟକ୍ଷତା କରିଥିଲେ। ଏହା ଜିଲାରେ ପର୍ଯ୍ୟଟକଙ୍କ ନିମନ୍ତେ ଆକର୍ଷଣ ପାଲଟିବ ବୋଲି ଜିଲାପାଳ କହିଛନ୍ତି। ଆଗାମୀ ଦିନରେ ବିଏମ୍‌ସି ପକ୍ଷରୁ ସ୍ୱତନ୍ତ୍ର ଟିକେଟ ଜାରି କରାଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ଏଥିରେ ଶିବଙ୍କର ବିଭିନ୍ନ ରୂପକୁ ଆଲୋକମାଳା ଓ ଉଚ୍ଚ କୋଟିର ଶବ୍ଦ ମାଧ୍ୟମରେ ପରିବେଷଣ କରାଯାଇଥିଲା, ଯାହାକୁ ଦେଖି ଦର୍ଶକ ବେଶ୍ ବିମୋହିତ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ଆସିକା ଏମ୍‌ପି ପ୍ରମିଳା ବିଶୋୟୀ, ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ଛତ୍ରପୁର ବିଧାୟକ ସୁବାସ ବେହେରା, ସୋରଡା ବିଧାୟକ ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ, ବ୍ରହ୍ମପୁର ଉପଜିଲାପାଳ ଭି. କୀର୍ତ୍ତି ଭାସନ, ବିଏମ୍‌ସି କମିଶନର ସିଦ୍ଧେଶ୍ୱର ବଳିରାମ ବୋନ୍ଦାର, ଡେପୁଟି କମିଶନର ଅଦ୍ୱୈତ ସ୍ୱାଇଁ, ଅତିରିକ୍ତ କମିଶନର ଆଶୁତୋଷ ସାମଲ, ବିଡିଏ ସଚିବ ସମ୍ବିତ ରାଉତ, ପୂର୍ବତନ ମେୟର କେ.ମାଧବୀଙ୍କ ସମେତ ବହୁ ପୂର୍ବତନ କର୍ପୋରେଟର ଉପସ୍ଥିତ ଥିଲେ।



ଉଦ୍‌ଘାଟିତ ମ୍ୟୁଜିକାଲ ଫାଉଣ୍ଟେନ୍।

# ସ୍ତ୍ରୀଙ୍କୁ ଗଳାକାଟି ହତ୍ୟା, ସ୍ୱାମୀ ଗିରଫ

ଗୋଷାଣୀ/ପାରଳାଖେମୁଣ୍ଡି,୩୦।୧୨(ଡି.ଏନ.ଏ.)

ଗଜପତି ଜିଲା ଗାରାବନ୍ଧ ଥାନା ଅନ୍ତର୍ଗତ ଅଡ଼ାସିଂ ଗିଣ ସାହିରେ ବୁଧବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ପାରିବାରିକ କଳହରୁ ଦାଆରେ ସ୍ତ୍ରୀଙ୍କ ଗଳାକାଟି ହତ୍ୟା କରିଛନ୍ତି ସ୍ୱାମୀ। ଗୁରୁବାର ଏ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ଅଭିଯୁକ୍ତ ସ୍ୱାମୀ ଗଙ୍ଗା ବଡମୁଣ୍ଡିଙ୍କୁ ଗିରଫ କରି ତଦନ୍ତ ଚଳାଇଛି। ଏ ନେଇ ନଂ.୧୦୫/୨୧ରେ ଏକ ମାମଲା ରୁଜୁ ହୋଇଛି।

ଗଙ୍ଗା ନିଜ ବିଲରୁ କାମସାରି ବୁଧବାର ବିଳମ୍ବିତ ରାତିରେ ଘରକୁ ଆସିଥିଲେ। କୌଣସି କଥାକୁ ନେଇ ସ୍ତ୍ରୀ ସଜନୀ ବଡମୁଣ୍ଡିଙ୍କ ସହ ତାଙ୍କର ଯୁକ୍ତିତର୍କ ହୋଇଥିଲା। ପରେ ଏହା ଉଗ୍ରରୂପ ନେଇଥିଲା। ଗଙ୍ଗା ଉତ୍ତ୍ୟକ୍ତ ହୋଇ ଘରେ ଥିବା ଦାଆ ଆଣି ସଜନୀଙ୍କ ଗଳା କାଟିଦେଇଥିଲେ। ଫଳରେ ଘଟଣାସ୍ଥଳରେ ସଜନୀଙ୍କ ମୃତ୍ୟୁ ଘଟିଥିଲା। ଏହା ଜାଣିବା ପରେ ସଜନୀଙ୍କ ଭାଇ ମେନଗଲ ମାଝି ଗାରବନ୍ଧ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ତଦନ୍ତ କରିଛନ୍ତି। ଅତିରିକ୍ତ ଏସପି ବାମଦେବ ସିଂ ମଧ୍ୟ ସେଠାକୁ ଯାଇ ଅନୁଧ୍ୟାନ କରିଥିଲେ। ମୃତଦେହ ଜବତ ପରେ ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

# ଧାନମଣ୍ଡି ଉଦ୍‌ଘାଟନ କଲେ ଉପଜିଲାପାଳ

ଶେରଗଡ଼,୩୦।୧୨(ଡି.ଏନ.ଏ.)

ଶେରଗଡ ନିୟନ୍ତ୍ରିତ ବଜାର ଗୋଦାମ ଗୃହରେ ଗୁରୁବାର ଧାନମଣ୍ଡି ଉଦଘାଟନ କରାଯାଇଛି। ଭଞ୍ଜନଗର ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜ ଅତିଥି ଭାବେ ଯୋଗ ଦେଇ ଏହାର ଶୁଭାରମ୍ଭ କରିଛନ୍ତି। ଅନ୍ୟତମ ଅତିଥି ଭାବେ ମୁଖ୍ୟମନ୍ତ୍ରୀଙ୍କ ଡିଆର୍‌ଡିଏ ପ୍ରତିନିଧି ଶରତ ଚନ୍ଦ୍ର ମହାପାତ୍ର, ବ୍ଲକ ଅଧ୍ୟକ୍ଷା ସାରସ ସ୍ୱାଇଁ, ବିଡ଼ିଓ ଶମ୍ଭୁନାଥ ନନ୍ଦି, ଉପଖଣ୍ଡ ଯୋଗାଣ ଅଧିକାରୀ ଲିଙ୍ଗରାଜ ବେହେରା, ବ୍ଲକ ଯୋଗାଣ ନିରୀକ୍ଷକ ବିଭୂଚରଣ ସାହୁ, ବ୍ଲକ ବିଜେଡ଼ି ସଭାପତି ଶରତ ଚନ୍ଦ୍ର ପାତ୍ର, ଯୁବ ବିଜେଡ଼ି ସଭାପତି ସନ୍ତୋଷ କୁମାର ପଟ୍ଟନାୟକ, କାମେଶର ଗୌଡ଼, ସମୀର ପ୍ରଧାନଙ୍କ ସମେତ ଶେରଗଡ ସମବାୟ ସମିତିର ସମ୍ପାଦକ ସତ୍ୟ ନାରାୟଣ ରେଡି ସମେତ ବହୁ କର୍ମଚାରୀ ଉପସ୍ଥିତ ଥିଲେ। ସେହିପରି ଶେରଗଡ ବ୍ଲକ ପରିସରରେ ୨୧୨ଜଣଙ୍କୁ ଭତା ବଣ୍ଟନ କରାଯାଇଛି।



କାର୍ଯ୍ୟକ୍ରମରେ ଉପଜିଲାପାଳ ଓ ଅନ୍ୟମାନେ ।

# ଲୋକ ସଙ୍ଗୀତ ମହୋତ୍ସବ ଉଦ୍‌ଯାପିତ

ଭଞ୍ଜନଗର,୩୦।୧୨(ଡି.ଏନ.ଏ)

ଭଞ୍ଜନଗର ଟାଉନ ହଲ୍‌ରେ ୩ଦିନ ଧରି ଚାଲିଥିବା ରାଜ୍ୟସ୍ତରୀୟ ଲୋକ ସଙ୍ଗୀତ, ପାଲା,ଦାସକାଠିଆ ମହୋତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ସନ୍ଧ୍ୟାରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ସଚିବ ପ୍ରବୋଧ ରଥ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଦ୍ମଶ୍ରୀ ଡ଼.ଉତ୍ସବ ଚରଣ ଦାସ, ବେଲଗାଁର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ପୁରସ୍କାର ପ୍ରାପ୍ତ ଉପେନ୍ଦ୍ର ପାଣିଗ୍ରାହୀ, ଏସ୍‌ଡ଼ିପିଓ ଶୁଭ୍ରାଂଶୁ ଶେଖର ମିଶ୍ର, ଥାନା ଅଧିକାରୀ ଧିରେଶ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସଙ୍ଗୀତ ନାଟକ ଏକାଡ଼େମୀ ଉପ ସଭାପତି ମନ୍ମଥ କୁମାର ଶତପଥୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଶେଷ ରାତିରେ ଆମ୍ପୁଆର ରବିନାରାୟଣ ଶତପଥୀ ଓ ସାଥି ଏବଂ ବେଲଗାଁର ଉପେନ୍ଦ୍ର ପାଣିଗ୍ରାହୀ ଓ ସାଥି ଦାସକାଠିଆ ପରିବେଷଣ କରିଥିଲେ । ପିପିଲି ଗୋଡ଼ିମାଳର ବେଣୁଧର ସାହୁ ଓ ସାଥି ଏବଂ ଖୋର୍ଦ୍ଧାର ଶ୍ରାଦ୍ଧାଞ୍ଜଳି ବଳବନ୍ତରାୟ ଓ ସାଥି ପାଲା ପରିବେଷଣ କରିଥିଲେ। କଟକ ଚୌଦ୍ୱାରର ଚଇତିଘୋଡ଼ା ନାଚ, ବରଗଡ଼ କଳାଗ୍ରାମର ଅଶ୍ୱିନୀ ପଟେଲ ଓ ସାଥି ମାଦେଲିଆ ଓ କରମା ନୃତ୍ୟ ଏବଂ ବଲାଙ୍ଗୀରର ନବୀନ କିଶୋର କୁଅଁର ଓ ସାଥି ଲୋକ ସଙ୍ଗୀତ ଲବଙ୍ଗଲତା ପରିବେଷଣ କରିଥିଲେ। ଉପେନ୍ଦ୍ର ଶତପଥୀ, ଶୁଳପାଣି ଶତପଥୀ, ପଞ୍ଚାନନ ପାଳ ପ୍ରମୁଖ ବିଭିନ୍ନ ଦିବସରେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ବାଲ୍ୟବିବାହ ବନ୍ଦ କଲା ପ୍ରଶାସନ

ପାରଳାଖେମୁଣ୍ଡି,୩୦।୧୨(ଡି.ଏନ.ଏ)

କାଶୀନଗର ବ୍ଲକ ବଡ଼ଖିଙ୍ଗା ଗ୍ରାମରେ ଆଗାମୀ ଦିନରେ ହେବାକୁ ଥିବା ଏକ ବାଲ୍ୟ ବିବାହକୁ ଜିଲା ପ୍ରଶାସନ ବନ୍ଦ କରିଛି। ଉକ୍ତ ବିବାହ ସମ୍ପର୍କରେ କାଶୀନଗର ବାଲ୍ୟବିବାହ ନିଷେଧ ଅଧିକାରିଣୀ କନକଲତା ପୂଜାରୀ ବିଶ୍ୱସ୍ତ ସୂତ୍ରରୁ ଜାଣିବାକୁ ପାଇଥିଲେ। ଏ ସମ୍ପର୍କରେ ସେ ବାଲ୍ୟବିବାହ ନିଷେଧ ଟାସ୍କଫୋର୍ସରେ ଥିବା ଅନ୍ୟ ସଦସ୍ୟ ମାନଙ୍କୁ ଅବଗତ କରିଥିଲେ। ବାଲ୍ୟବିବାହକୁ ରୋକିବା ନିମନ୍ତେ ଏକ ଟିମ ଗଠନ କରାଯାଇଥିଲା। ଉକ୍ତ ଟିମ ସଦସ୍ୟମାନେ ଗ୍ରାମକୁ ଯାଇ ବାଲ୍ୟବିବାହକୁ ସ୍ଥଗିତ କରିଥିଲେ । ଟାସ୍କଫୋର୍ସ ଦ୍ୱାରା ଝିଅକୁ ଉଦ୍ଧାର କରାଯାଇ ଶିଶୁ ମଙ୍ଗଳ ସମିତି ନିକଟରେ ଉପସ୍ଥିତ କରାଯିବା ନିମନ୍ତେ ନିଷ୍ପତ୍ତି ନିଆଯାଇଛି ।

# ପୁରୁଷ କବାଡ଼ି ପ୍ରଶିକ୍ଷଣ ଶିବିର ଆରମ୍ଭ



ବିଶ୍ୱବିଦ୍ୟାଳୟ ଖେଳପଡ଼ିଆରେ କବାଡ଼ି କ୍ୟାମ୍ପରେ ଉପସ୍ଥିତ କ୍ରୀଡ଼ାବିତ୍ ।

ବ୍ରହ୍ମପୁର ଅଫିସ,୩୦।୧୨

ଜାନୁୟାରୀ ୨ରେ ଛତିଶଗଡ଼ସ୍ଥିତ ବିଲାସପୁରଠାରେ ଆନ୍ତଃ ବିଶ୍ୱବିଦ୍ୟାଳୟ ପୁରୁଷ କବାଡ଼ି ଚମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏହା ପୂର୍ବରୁ ଗୁରୁବାର ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦ ପକ୍ଷରୁ ପୁରୁଷ କବାଡ଼ି ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଯାଇଛି। ଏଥିରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅଧୀନ ସିଟି ମହାବିଦ୍ୟାଳୟ, ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟ, ଆସ୍କା ବିଜ୍ଞାନ ମହାବିଦ୍ୟାଳୟ, ଏନ୍‌ସିସିବି ମହାବିଦ୍ୟାଳୟ କେନ୍ଦୁପଦର ଭଳି ୯ ମହାବିଦ୍ୟାଳୟର ୨୧ଜଣ କବାଡ଼ି ପ୍ରତିଯୋଗୀ ସାମିଲ ହୋଇଥିବା ନେଇ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦ କ୍ରୀଡ଼ା ଅଧିକାରୀ ରବି ମିଶ୍ରଙ୍କଠାରୁ ପ୍ରକାଶ। ଏଥିରେ ମନୋନୀତ ପ୍ରତିଯୋଗୀମାନେ ବିଲାସପୁର ଅଭିମୁଖେ ଯାତ୍ରା କରିବେ।

# ଜେଲ ଗଲେ କନିଷ୍ଠ ଯନ୍ତ୍ରୀ

ବ୍ରହ୍ମପୁର ଅଫିସ,୩୦।୧୨

ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ପଞ୍ଝାରେ ପଡ଼ିଥିବା ଦିଗପହଣ୍ଡି ଗ୍ରାମ୍ୟ ଉନ୍ନୟନ ବିଭାଗ ସେକ୍ସନ-୧ କନିଷ୍ଠ ଯନ୍ତ୍ରୀ ବଂଶୀଧର ସେଠୀଙ୍କୁ ଭିଜିଲାନ୍ସ ବୁଧବାର ଗିରଫ କରିଥିଲା। ମାମଲା ନଂ.୨୦/୨୧ରେ ତାଙ୍କୁ କୋର୍ଟଚାଲାଣ କରାଯାଇଛି। ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଅଭିଯୁକ୍ତ କନିଷ୍ଠ ଯନ୍ତ୍ରୀ ବଂଶୀଧରଙ୍କୁ ୧୪ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି। ଆସନ୍ତା ଜାନୁୟାରୀ ୧୧ରେ ତାଙ୍କର ଜାମିନ ଶୁଣାଣି ହେବ ବୋଲି ଜଣାପଡିଛି। ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗ ଆସିବା ପରେ ଯନ୍ତ୍ରୀ ବଂଶୀଧରଙ୍କ ବ୍ରହ୍ମପୁରସ୍ଥିତ ଶକ୍ତି ନଗର ଦ୍ୱିତୀୟ ସାରଣୀରେ ଥିବା ୨ଟି ତିନି ମହଲା କୋଠା ସମେତ ଦିଗପହଣ୍ଡିସ୍ଥିତ ସରକାରୀ କାର୍ଯ୍ୟାଳୟ, ପୋଲସରା ଥାନା ଅନ୍ତର୍ଗତ ଚିରିକିପଡା ଶାସନସ୍ଥିତ ପୈତୃକ ଘର ବ୍ରହ୍ମପୁର ଉପକଣ୍ଠ ଲୋଚାପଡ଼ାରେ ଥିବା ତାଙ୍କ ସମ୍ପର୍କୀୟଙ୍କ ବାସଭବନ ଉପରେ ଭିଜିଲାନ୍ସ ଟିମ ଏକ କାଳୀନ ଚଢ଼ାଉ କରିଥିଲେ। ଯାଞ୍ଚ ପରେ ମୋଟ ୧କୋଟି ୧୭ଲକ୍ଷ ୬୪ହଜାର ୩୨୩ଟଙ୍କାର ସ୍ଥାବର ଅସ୍ଥାବର ସମ୍ପତ୍ତି ରହିଥିବା ବ୍ରହ୍ମପୁର ଭିଜିଲାନ୍ସ ବିଭାଗ ତାଲିକା ପ୍ରସ୍ତୁତ କରିଥିଲା। ଯାଞ୍ଚ ସରିବା ପରେ ଯନ୍ତ୍ରୀ ଓ ତାଙ୍କ ପରିବାରବର୍ଗଙ୍କ ନାମରେ ମୋଟ ୮୮ଲକ୍ଷ ୮୫ହଜାର ଟଙ୍କା ଆୟ ବର୍ହିଭୂତ ସମ୍ପତ୍ତି ଥିବା ନେଇ ଭିଜିଲାନ୍ସ ବିଭାଗ ଆକଳନ କରିଛି। ଯାହାକି ତାଙ୍କର ଆୟ ଠାରୁ ୧୩୭ ପ୍ରତିଶତ ଅଧିକ ବୋଲି ଭିଜିଲାନ୍ସ ଏସ୍.ପି. ତ୍ରିଲୋଚନ ସ୍ୱାଇଁ ସୂଚନା ଦେଇଛନ୍ତି।

# ଶିଶୁ ସୁରକ୍ଷା, ବାଲ୍ୟ ବିବାହ ନିରାକରଣ ସଚେତନତା

ଫୁଲବାଣୀ ଅଫିସ, ୩୦।୧୨

ଫୁଲବାଣୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଶିଶୁ ସୁରକ୍ଷା ଓ ବାଲ୍ୟ ବିବାହ ନିରାକରଣ ଉପରେ ସଚେତନତା କାର୍ଯ୍ୟକ୍ରମ ମୋ କଲେଜ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷ ପ୍ରଫେସର ପଞ୍ଚାନନ ବେହେରା ଏହାକୁ ଉଦ୍‌ଘାଟନ କରିଥିଲେ । ମୋ କଲେଜ ସଂଯୋଜକ ପ୍ରଫେସର ମୂରଲୀ ଧର ସେଠୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ୱାତୀ ମିଶ୍ର, ସନ୍ଧ୍ୟାରାଣୀ ମହାନ୍ତି ପ୍ରମୁଖ ଯୋଗଦେଇ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ଶିଶୁ ସୁରକ୍ଷା ଏବଂ ବାଲ୍ୟ ବିବାହର କୁପରିଣତି ଉପରେ କହିଥିଲେ । ଏହାର ଆଇନଗତ ଦିଗ ଉପରେ ଆଲୋଚନା କରିଥିଲେ । ପୁରାତନ ଛାତ୍ର ସଂସଦର ଅଧ୍ୟକ୍ଷ ଡ.ରାଜକିଶୋର ବେହେରା, ସମ୍ପାଦକ ପ୍ରସନ୍ନ କୁମାର ପଟ୍ଟନାୟକ, ସର୍ବେଶ୍ୱର ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। ଅଧ୍ୟାପକ ଦୁଷ୍ମନ୍ତ କୁମାର ମାର୍ଥା, ଦିବ୍ୟରଞ୍ଜନ ତ୍ରିପାଠୀ, ଅଧ୍ୟାପିକା ଡ. ସ୍ନିଗ୍ଧାରାଣୀ ପାଣିଗ୍ରାହୀଙ୍କ ସମେତ ବହୁ ଛାତ୍ରୀଛାତ୍ର ଉପସ୍ଥିତ ରହି ବାଲ୍ୟ ବିବାହକୁ ନାଁ କରିବାର ଶପଥ ପାଠ କରିଥିଲେ ।

# ଖଣ୍ଡଦେଉଳୀ ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ

ଗଞ୍ଜାମ,୩୦।୧୨(ଡି.ଏନ୍.ଏ.)

ଗଞ୍ଜାମ ବ୍ଲକ ଖଣ୍ଡଦେଉଳୀ ହାଇସ୍କୁଲକୁ ୫୦ ବର୍ଷ ପୂରିଛି। ଏହି ଅବସରରେ ବୁଧବାର ଉକ୍ତ ସ୍କୁଲରେ ସୁବର୍ଣ୍ଣ ଜୟନ୍ତୀ ପାଳନ କରାଯାଇଥିଲା। ରାଜ୍ୟ ବିଧାନସଭା ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଅବସରପ୍ରାପ୍ତ ଆଇଏଏସ୍ ତଥା ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ଉପେନ୍ଦ୍ର ତ୍ରିପାଠୀ, ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ମୁଖ୍ୟବକ୍ତା ସିପିଆଇଏମ୍ ଜିଲା ସମ୍ପାଦକ ଅଳିକିଶୋର ପଟ୍ଟନାୟକ, ଅଭ୍ୟର୍ଥନା କମିଟି ଆବାହକ ବିଶ୍ୱମ୍ଭର ପଣ୍ଡା, ଖବରଦାତା ଦଣ୍ଡପାଣି ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ସ୍କୁଲ ପ୍ରଧାନଶିକ୍ଷକ ଶଙ୍କର ନାରାୟଣ ବେଜ୍ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଉପଲକ୍ଷେ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଏଥିସହ ସ୍କୁଲ ପାଦଚିହ୍ନ ପତ୍ରିକାକୁ ବାଚସ୍ପତି ଉନ୍ମୋଚନ କରିଥିଲେ। ଏହି ଅବସରରେ ଗଣମାଧ୍ୟମ ପ୍ରତିନିଧି, ସ୍କୁଲ ପ୍ରତିଷ୍ଠାତା ଅଭିରାମ ବେହେରା ଓ ଅନ୍ୟମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହାକୁ କମିଟି ସଭାପତି ପଦ୍ମ ଚରଣ ପ୍ରଧାନ, ସମ୍ପାଦକ ଦଣ୍ଡପାଣି ମହାପାତ୍ର, ଉପଦେଷ୍ଟା କନ୍ଧ ସ୍ୱାଇଁ, ପ୍ରଧାନ ଶିକ୍ଷକ ସିଲୁ ବେଜ୍‌ଙ୍କ ସମେତ ସ୍କୁଲ ସହକାରୀ ଶିକ୍ଷକମାନେ ପରିଚାଳନା କରିଥିଲେ।

# ପୂର୍ତ୍ତ ବିଭାଗ ଜୁନିୟର୍ ଆସିଷ୍ଟାଣ୍ଟଙ୍କ ଘରେ ଚଢ଼ାଉ

ବ୍ରହ୍ମପୁର ଅଫିସ,୩୦।୧୨–

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ପୂର୍ତ୍ତ ବିଭାଗ-୧ର ଜୁନିୟର୍ ଆସିଷ୍ଟାଣ୍ଟ ଏଲ୍.କାମରାଜୁ ଦାସ। ବ୍ରହ୍ମପୁର ଭିଜିଲାନ୍ସ ଟିମ୍ ଗୁରୁବାର ସକାଳୁ ଦାସଙ୍କ ଆଙ୍କୋଲି ଖଳାସାହିସ୍ଥିତ ଦୁଇ ମହଲା ଘର, ଆଙ୍କୋଲିସ୍ଥିତ ପୈତୃକ ବାସଭବନ, ଅନ୍ୟ ଦୁଇଟି ଘର ଓ ଡିଭିଜନ୍ କାର୍ଯ୍ୟାଳୟରେ ଚଢ଼ାଉ କରିଥିଲା। ଦାସ ଓ ତାଙ୍କ ପରିବାରବର୍ଗଙ୍କ ନାମରେ ମୋଟ ୭୯ଲକ୍ଷ ୨୭ହଜାର ୫୩୨ ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଥିବା ନେଇ ଭିଜିଲାନ୍ସ ବିଭାଗ ତାଲିକା ପ୍ରସ୍ତୁତ କରିଛି। ଦାସଙ୍କ ନାମରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ହୋଇଥିଲା। ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ନିର୍ଦ୍ଦେଶକ୍ରମେ ବ୍ରହ୍ମପୁର ଭିଜିଲାନ୍ସ ଟିମ୍ ତାଙ୍କ ଘର ସମେତ ବିଭିନ୍ନ ସ୍ଥାନରେ ଏକକାଳୀନ ଚଢ଼ାଉ କରିଥିଲା। ଦୁଇଜଣ ଡିଏସ୍‌ପିଙ୍କ ନେତୃତ୍ୱରେ ୫ଜଣ ଇନ୍ସପେକ୍ଟରଙ୍କୁ ନେଇ ଗଠିତ ଟିମ୍ ଚଢ଼ାଉ କରିଥିଲା। ଜୁନିୟର୍ ଆସିଷ୍ଟାଣ୍ଟ ଦାସ ଓ ତାଙ୍କ ସ୍ତ୍ରୀଙ୍କ ନାମରେ ୬୦ଲକ୍ଷ ୭୦ହଜାର ୬୭ଟଙ୍କାର ସ୍ଥାବର ସମ୍ପତ୍ତି ରହିଥିବା ବେଳେ ୧୮ଲକ୍ଷ ୫୭ହଜାର ୪୫୬ଟଙ୍କାର ଅସ୍ଥାବର ସମ୍ପତ୍ତି ରହିଛି। କାମରାଜୁ ୧୯୯୯ ଜାନୁୟାରୀରେ ପାରଳାଖେମୁଣ୍ଡି ପୂର୍ତ୍ତ ବିଭାଗରେ ଯୋଗ ଦେଇଥିଲେ। ବର୍ତ୍ତମାନ ସେ ବ୍ରହ୍ମପୁର ଡିଭିଜନରେ କାର୍ଯ୍ୟରତ ଅଛନ୍ତି।

# କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

ସୋରଡା,୩୦।୧୨(ଡି.ଏନ.ଏ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପରିସରରେ ହୋଇଥିବା ଆନ୍ତଃ ମହାବିଦ୍ୟାଳୟ ସ୍ତରୀୟ ପ୍ରତିଯୋଗିତାରେ ସୋରଡା ଋଷିକୁଲ୍ୟ ସ୍ନାତକ ମହାବିଦ୍ୟାଳୟ ୨ ଛାତ୍ରୀଛାତ୍ର କୃଷ୍ଣଚନ୍ଦ୍ର ସାହୁ ଓ ପ୍ରତିମା ଦାସ୍ କୃତିତ୍ୱ ହାସଲ କରିଥିଲେ। ଉଭୟେ ଫେରିବା ପରେ ଗୁରୁବାର ମହାବିଦ୍ୟାଳୟ ପରିସରରେ ସମ୍ବର୍ଦ୍ଧନା ଦିଆଯାଇଛି। ଅଧ୍ୟକ୍ଷ ରମେଶ କୁମାର ପାଢୀ, ଅଧ୍ୟାପକ ହୃଷୀକେଶ ମିଶ୍ର, ଅଧ୍ୟାପିକା ସନ୍ଧ୍ୟାରାଣୀ ପାତ୍ର, କ୍ରୀଡା ଅଧ୍ୟାପକ ତପନ କୁମାର ସାହୁଙ୍କ ସମେତ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ । ଛାତ୍ର କୃଷ୍ଣଚନ୍ଦ୍ର ସାହୁ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ୮୦ କିଲୋ ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ଛାତ୍ରୀ ପ୍ରତିମା ସଟପୁଟ୍‌ରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି।

# ଫୁଟ୍‌ବଲ ପ୍ରତିଯୋଗିତା, ମଗମୁଣ୍ଡା ଚାମ୍ପିୟନ

ଫୁଲବାଣୀ ଅଫିସ, ୩୦।୧୨

ଫିରିଙ୍ଗିଆ ବ୍ଲକ ମା' ବରାଳଦେବୀ ଖେଳ ପଡିଆରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଯୁବକ ସଂଘ ପକ୍ଷରୁ ଚାଲିଥିବା ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ ମଗମୁଣ୍ଡା ଟିମ ବିପକ୍ଷ ତେଜାମାହା ଟିମ୍‌କୁ ୩-୦ ଗୋଲରେ ହରାଇ ଚାମ୍ପିୟନ ହୋଇଛି। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଆଇନଜୀବୀ ସତ୍ୟନାରାୟଣ ମିଶ୍ର, ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ସୁନୀଲ ବିଶ୍ୱାଳ, ସଞ୍ଜୟ ପାତ୍ର ପ୍ରମୁଖ ଯୋଗଦେଇ ଚାମ୍ପିୟନ ଏବଂ ରନର୍ସଅପ ଦଳକୁ ପୁରସ୍କୃତ କରିଥିଲେ ।



ଅତିଥିଙ୍କ ଗହଣରେ ଖେଳାଳି ।

# ଏନ୍‌ସିସି ଗ୍ରୁପ୍ ହେଡ୍‌କ୍ୱାର୍ଟର ପକ୍ଷରୁ ପୁନିତ ସାଗର ଅଭିଯାନ

ଗୋପାଳପୁର/ବ୍ରହ୍ମପୁର ଅଫିସ,୩୦।୧୨

ଗୋପାଳପୁର ବେଳାଭୂମିରେ ଏନ୍‌ସିସି ହେଡ୍‌କ୍ୱାର୍ଟର ବ୍ରହ୍ମପୁର ପକ୍ଷରୁ ପୁନିତ ସାଗର ଅଭିଯାନ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉମାଚରଣ ପଟ୍ଟନାୟକ ଇଞ୍ଜିନିୟରିଂ କଲେଜ ଅଧ୍ୟକ୍ଷ ସୂର୍ଯ୍ୟ ନାରାୟଣ ଧର ଓ ସମ୍ମାନିତ ଅତିଥି ଭାବେ ପରିବେଶବିତ୍ ସୁଧୀର ରାଉତ ଯୋଗ ଦେଇଥିଲେ। ବ୍ରହ୍ମପୁର ଏନ୍‌ସିସି ଗ୍ରୁପ ହେଡକ୍ୱାର୍ଟର କମାଣ୍ଡର କ୍ୟାପ୍‌ଟେନ ସଚିନ ଗୁପ୍ତାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ସମୁଦ୍ର ତଟକୁ ପରିଷ୍କାର ଓ ପରିଚ୍ଛନ୍ନ ରଖିବା ସହ ପ୍ଲାଷ୍ଟିକ ମୁକ୍ତ ସମୁଦ୍ର ତଟ ରଖିବା ହେଉଛି ଏହି ପୁନିତ ସାଗର ଅଭିଯାନର ମୂଳ ଉଦ୍ଦେଶ୍ୟ। ଗୁରୁବାର ସନ୍ଧ୍ୟାରେ ଏନ୍‌ସିସି ନାଭାଲ ୟୁନିଟ ଓ ଗାର୍ଲସ ବାଟାଲିୟନ ଏନ୍‌ସିସି ଏବଂ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର କ୍ୟାଡେଟମାନେ ଏଥିରେ ସହଯୋଗ କରିଥିଲେ। ଏହି ଅଭିଯାନ ଡିସେମ୍ବର ୧ ଠାରୁ ଆରମ୍ଭ ହୋଇଥିବା ବେଳେ ସମଗ୍ର ଓଡ଼ିଶାର ଏନ୍‌ସିସି ଗ୍ରୁପ ଓ ଶିକ୍ଷାନୁଷ୍ଠାନର ୪୦୦୦ରୁ ଊର୍ଦ୍ଧ୍ୱ କ୍ୟାଡେଟ ସାମିଲ ହୋଇ ୬୦୦ କେଜିର ଆବର୍ଜନା ଓ ବର୍ଜ୍ୟବସ୍ତୁ ସଫା କରି ସ୍ଥାନୀୟ ପ୍ରଶାସନକୁ ହସ୍ତାନ୍ତର କରାଯାଇଛି। ଏହାସହ ସଚେତନତା ରାଲି, ପଥପ୍ରାନ୍ତ ନାଟକ, ହସ୍ତାକ୍ଷର ଅଭିଯାନ ହୋଇଥିଲା। ଏହି ଅବସରରେ ଏନ୍‌ସିସି ଗ୍ରୁପ ହେଡ୍‌କ୍ୱାର୍ଟର ବ୍ରହ୍ମପୁରର କଲୋନେଲ୍ କ୍ରିଷ୍ଣା, ଲେଫ୍‌ଟନାଣ୍ଟ କଲୋନେଲ୍ ପିଭିଏନ୍ ରେଡ୍ଡୀ ପ୍ରମୁଖ ଅଂଶ ଗ୍ରହଣ କରି କ୍ୟାଡେଟମାନଙ୍କୁ ଉତ୍ସାହିତ କରିଥିଲେ।




ପୁନିତ ସାଗର ଅଭିଯାନରେ ଉପସ୍ଥିତ କ୍ୟାଡେଟ ଓ ଏନ୍‌ସିସି ଅଧିକାରୀ ।

# ଗୋଷ୍ଠୀ ସଂଘର୍ଷ ଘଟଣା, ୨ ମାମଲା ରୁଜୁ

ଆସିକା,୩୦।୧୨(ଡି.ଏନ.ଏ)

ଗାଙ୍ଗପୁର ଥାନା ଡି.ସିଙ୍ଗିପୁର ଗ୍ରାମରେ ବୁଧବାର ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟି ଉଭୟ ପକ୍ଷରୁ ୪ ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି। ଏହି ଘଟଣାକୁ ନେଇ ଉଭୟପକ୍ଷ ପରସ୍ପର ବିରୋଧରେ ଗାଙ୍ଗପୁର ଥାନାରେ ଅଭିଯୋଗ କରିଛନ୍ତି। ଗୋଟିଏ ପକ୍ଷର ଈଶ୍ୱର ବେହେରା ୬ଜଣଙ୍କ ବିରୋଧରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗକୁ ଭିତ୍ତି କରି ନଂ.୫୬୩/୨୧ରେ ମାମଲା ରୁଜୁ କରାଯାଇଛି। ଅପରପକ୍ଷେ ବବିତା ଦାସ ସେହି ଗ୍ରାମର ୪ଜଣଙ୍କ ବିରୋଧରେ କରିଥିବା ଅଭିଯୋଗ ପ୍ରକାରେ ନଂ.୫୬୪/୨୧ରେ ଅନ୍ୟ ଏକ ମାମଲା ରୁଜୁ କରାଯାଇଛି। ଥାନା ଅଧିକାରୀ ଦେବ କୁମାର ଗମାଙ୍ଗ ସିଙ୍ଗିପୁର ଗ୍ରାମରେ ପହଞ୍ଚି ଉଭୟ ପକ୍ଷ ସହ ଆଲୋଚନା କରି ଶାନ୍ତି ଫେରିବା ଲାଗି ଉଦ୍ୟମ କରିଥିଲେ । ଗ୍ରାମରେ ପୋଲିସ ପଇଁତରା ଜାରି ରହିଛି।

